# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ପାଉଲଙ୍କ, ଚମକପ୍ରଦ ପ୍ରଚାର ଯାତ୍ରା


ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଅନୁବାଦକ: Prasanta Bhuyan

ଉପଯୋଜକ: Ruth Klassen


କାହାଣୀ ୬୦ ରୁ ୫୯


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ Oriya

ପାଉଲ ଓ ଶିଲା, ଯୀଶୁଙ୍କ ସେବକମାନେ କାରାଗାରରେ ଥିଲେ । ନୁହେଁ, ସେମାନେ କୌଣସି ଭୁଲ୍ କରି ନଥିଲେ, ସେମାନେ ଏକ ସ୍ତ୍ରୀଙ୍କ ଶରିରରୁ ଦୁଷ୍ଟାତ୍ମା ବାହାର କରିଥିଲେ । ସେମାନେ ସେହି ପ୍ରତିମାପୂଜକ ଫିଲ୍ଲିପି ବାସିଙ୍କୁ ଜୀବୀତ ପରମେଶ୍ୱର ଏବଂ ତାଙ୍କ ପୁତ୍ର ଯୀଶୁଙ୍କ ଶକ୍ତି ଦେଖାଇଥିଲେ । ସେହି କାରଣ ନିମନ୍ତେ ସେମାନେ ଧରାଗଲେ, ବେତ୍ରାଘାତ ପାଇଲେ ଓ କାରାଗାରରେ ନିକ୍ଷେପ କରାଗଲେ ।



1



ତୁମେ ଚାହିଁବ ଯେ ପାଉଲ ଓ ଶିଲା ରାଗିଯାଇ ଦୁଃଖ ଅନୁଭବ କରିଥିବେ । କିନ୍ତୁ ସେମାନେ ସେପରି ନଥିଲେ । ସତ୍ୟତାରେ, ଅର୍ଦ୍ଧରାତ୍ରରେ ସେମାନେ ବସି ସଦାପ୍ରଭୁଙ୍କୁ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ । ଆଉ ଅନ୍ୟ ବନ୍ଦୀମାନେ ଓ କାରା ରକ୍ଷକମାନେ ଶୁଣୁଥିଲେ ।

2

ହଟାତ୍, ସମସ୍ତ ସୁସ୍ଥିର ହୋଇଗଲା । ସେହି ସ୍ଥାନରେ ମହାଭୂମିକମ୍ପ ହେଲା ଯାହା ସେହି କାରଗାରର ଭିତ୍ତିମୂଳକୁ ଦୋହଲାଇଲା । ତାହାର ସମସ୍ତ କବାଟ ଗୁଡ଼ିକ ମେଲା ହୋଇଗଲେ । ପୁଣି ପ୍ରତ୍ୟେକ ଜଣର ବନ୍ଧନ ଖୋଲିଗଲା ।



3

ଏଥିରେ କାରା ରକ୍ଷକ ନିଶ୍ଚିତ ଥିଲେ ଯେ ସମସ୍ତ ବନ୍ଦୀମାନେ ପଳାଇଯାଇଅଛନ୍ତି ବୋଲି ମନେ କଲା । ଯଦି ଜଣେ ମଧ୍ୟ ପଳାଇଯାଇଥିବେ ତେବେ ତାହାର ମୃତୁଦଣ୍ଡ ନିଶ୍ଚିତ । ଦୁଃଖରେ ସେ ନିଜର ଖଣ୍ଡା ବାହାର କରି ଆପଣାକୁ ବଧ କରିବାକୁ ଯାଉଥିଲେ ।



4

କିନ୍ତୁ ପାଉଲ ଉଚ୍ଚ ସ୍ୱରରେ ଡାକି କହିଲେ, ଆପଣାର କୌଣସି କ୍ଷତି କରନାହିଁ । କାରଣ ଆମ୍ଭେମାନେ ସମସ୍ତେ ଏଠାରେ ଅଛୁ । ଯେତେବେଳେ କାରାରକ୍ଷକ ତାହା ଦେଖିଲେ, ସେ କହିଲେ, ମହାଶୟ ମାନେ ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ପଡ଼ିବ, ସେମାନେ କହିଲେ, ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କର, ତାହାହେଲେ ତୁମ୍ଭେ ସପରିବାରରେ ପରିତ୍ରାଣ ପାଇବ । ଆନନ୍ଦରେ, କାରାରକ୍ଷକ ବିଶ୍ୱାସ କଲେ ।



5

ପରଦିନ ସକାଳ ହୁଅନ୍ତେ, ପାଉଲ ଓ ଶିଲା ଅନେକ ନଗର ଦ୍ୱାରକୁ ଯାଇ ଯୀଶୁଙ୍କ ବାକ୍ୟ ପ୍ରଚାର କଲେ । କେତେକ ଲୋକ ସେମାନଙ୍କୁ ବିଶ୍ୱାସ କଲେ । ଆଉ କେତେକ ସେମାନଙ୍କୁ ଆଘାତ କରିବାକୁ ଚେଷ୍ଟା କଲେ । ମାତ୍ର ସଦାପ୍ରଭୁ ତାଙ୍କ ଦାସମାନଙ୍କ ସଂଙ୍ଗରେ ଥିଲେ । ଏକ ରାତ୍ରରେ, ପାଉଲ ଘଣ୍ଟା ଘଣ୍ଟା ଧରି ପ୍ରଚାର କଲେ । ଏକ ଯୁବକ ଖୋଲା ଝରକାରେ ବସି ପାଉଲଙ୍କ ବାକ୍ୟ ଶୁଣିଥିଲେ, ହଟାତ୍ ସେ ଶୋଇପଡ଼ିଲେ । ତୁମେ ନିଜେ ଅନୁମାନ କର ତାହାର କଅଣ ହେଲା ।



6

ସମସ୍ତେ ଜାଣିଥିଲେ ଯେ ସେହି ଯୁବକଟି ମୃତୁ ବରଣ କରିଅଛି । କିନ୍ତୁ ପାଉଲ ତଳକୁ ଯାଇ ତାହାକୁ ଆଲିଙ୍ଗନ କରି କହିଲେ, ତାହାର ଜୀବନ ତାଙ୍କ ପାଖରେ ଅଛି । ସେମାନେ ସେହି ଯୁବକକୁ ଭିତରକୁ ଆଣିଲେ ପୁଣି ସେ ବଞ୍ଚିଥିଲା, ସେମାନେ ଅତି ଆନନ୍ଦିତ ହେଲେ ।



7

ପାଉଲ ଓ ଶିଲା ତାଙ୍କର ଇଉରୋପ୍ ମହାଦେଶ ଯାତ୍ରା ସମୟରେ ଅନେକ ଦୁଃସାହସିକ କାର୍ଯ୍ୟ କରିଥିଲେ । ସେମାନଙ୍କ ମଧ୍ୟରୁ ପାଉଲଙ୍କ ସବୁଠାରୁ ବଡ଼ ଦୁଃସାହସିକ କାର୍ଯ୍ୟ, ସେ ଜାହାଜରେ ଥିବା ସମୟରେ କରିଥିଲେ । ସେହି ଜାହାଜଟି ଲୁହାରେ ତିଆରି ନଥିଲା ତେଣୁ ସେମାନେ ଝଡ଼ରେ ଅତି ସହଜରେ ଉଲଟି ଯାଉଥିଲେ ।



8


ପାଉଲ ଜାହାଜ ଉପରେ ଥିଲେ କାରଣ ତାଙ୍କୁ ପୁନର୍ବାର ଗିରଫ୍ କରାଯାଇଥିଲେ ।
ସେ  ରୋମ୍ ରେ ସମ୍ରାଟ ସମ୍ମୁଖରେ ଉପସ୍ଥିତ ହେବାକୁ ଯାଉଥିଲେ, ସେହି ସମୟରେ
ରୋମ୍, ସମସ୍ତ ପୃଥିବିର ରାଜଧାନୀ ଥିଲା । ମହା ପ୍ରବଳ ବାୟୁ ହେତୁ ଜାହାଜ ଧିର ହେବାକୁ
ଲାଗିଲା, ଏହା ଦେଖାଗଲା ଯେପରି ଆଗରେ ଝଡ଼ ତୋଫାନର ଜଳବାୟୁ ଅଛି । ଏହା ପାଉଲଙ୍କ
ଓ ଅନ୍ୟ ବନ୍ଦୀମାନଙ୍କ ନିମନ୍ତେ ପୁଣି ନାବିକ ମାନଙ୍କ ନିମନ୍ତେ କଷ୍ଟକର ଯାତ୍ରା ଥିଲା ।
9


ଭାଇମାନେ, ମୁଁ ଜାଣିପାରୁଛି ଯେ ଏହି ଯାତ୍ରା ଦୁର୍ଦ୍ଦଶାରେ
ସମାପ୍ତି ହେବ, ପାଉଲ ସତର୍କ କଲେ । ଜାହାଜର ଅଧ୍ୟକ୍ଷ
ପାଉଲଙ୍କ କଥାରେ ମନଯୋଗ କଲେ ନାହିଁ । ସେମାନେ
ଯାତ୍ରା କରିଚାଲିଲେ, ମାତ୍ର ଯେତେବେଳେ
ଏକ ଭୟଙ୍କର ଝଡ଼ ସେହି
ଜାହାଜକୁ ଆଘାତ କରନ୍ତେ
ସେମାନେ ଅତିଭୟଭିତ
ହେଲେ ।
10


ପୁଣି ନାନା ଉପାୟରେ ଜାହାଜକୁ ତଳୁ ଘେରିକରି ବାନ୍ଧିଲେ
କାଳେ ତାହା ଜାହାଜକୁ ଭାଙ୍ଗିବା ବିରୁଦ୍ଧରେ ସାହାଯ୍ୟ
କରିବ, ପୁଣି ସେମାନେ ବଞ୍ଚିବେ । ଯଦି
ଜାହାଜ ଭାଙ୍ଗିଯାଏ ତେବେ ତାହା
ସମସ୍ତଙ୍କ ପାଇଁ ଜଳ
ସମାଧି ହୋଇଯିବ ।
11


ତୋଫାନ ଯୋଗୁ ଜାହାଜ ଅତି ଟଳମଳ ହେବାରୁ ନାବିକମାନେ ମାଲ ଫୋପାଡ଼ିବାକୁ ଲାଗିଲେ ।
ପୁଣି ତୃତିୟ ଦିନରେ ନିଜ ହାତରେ ଜାହାଜର ସରଞ୍ଜାମ ସବୁ ଫୋପାଡ଼ିଦେଲେ ।
ହୋଇପାରେ ତହା ସାହାଯ୍ୟ କରିବ ।
12


ରାତ୍ର ସମୟରେ, ଏକ ଦୂତ ପାଉଲଙ୍କ ପାଖରେ ଠିଆ ହୋଇ କହିଲେ,
ତୁମ୍ଭମାନଙ୍କର କୌଣସି ପ୍ରକାରେ କ୍ଷତି ହେବନାହିଁ । ତାହାଶୁଣି
ଅନ୍ୟମାନେ ଉତ୍ସାହିତ ହେଲେ । ସାହସ ଧରନ୍ତୁ କାରଣ ଈଶ୍ୱରଙ୍କଠାରେ
ମୋହର ବିଶ୍ୱସ ଅଛି ଯେ ମୋତେ ଯେପରି କୁହା ହୋଇଅଛି ଠିକ୍
ସେହିପରି ଘଟିବ । ସେ ଯାହାବି
ହେଉ ଆମ୍ଭମାନଙ୍କୁ କୌଣସି
ଏକ ସ୍ଥଳକୁ ଯିବାକୁ
ପଡ଼ିବ ।
13


କିଛିଦିନ ପରେ, ସେହି ଜାହାଜଟି ମେଲିତୀ ନାମକ ଦ୍ୱୀପ ନିକଟରେ ପହଞ୍ଚିଲା, ଆଉ ସେଠାରେ
ତାହା ଏକ ପଥିରିଆ ଜମି ସହିତ ଆଘାତ ପାଇ ସଂପୁର୍ଣ୍ଣ ଭାବରେ ଭାଙ୍ଗିଗଲା । ଶତସେନାପତି
ଆଜ୍ଞା କରି  କହିଲେ, ଯେଉଁମାନେ ପହଁରା ଜାଣନ୍ତି, ସେମାନେ
ସମୁଦ୍ରରେ ଡେଇଁପଡ଼ି ପ୍ରଥମରେ ସ୍ଥଳକୁ ଯାଅନ୍ତୁ, ପୁଣି ଅବଶିଷ୍ଟ
ମାନଙ୍କ ମଧ୍ୟରୁ କେହି କେହି ତକ୍ତା ଓ କେହି କେହି
ଜାହାଜର ଅନ୍ୟାନ୍ୟ ଭଙ୍ଗାଖଣ୍ଡ ଧରି ଯାଆନ୍ତୁ ।
14

ମେଲିଟୀରେ, ସଦାପ୍ରଭୁ ତାଙ୍କର ଶକ୍ତି ଦେଖାଇଲେ । ଯେତେବେଳେ ପାଉଲ ବିଡ଼ାଏ କାଠ ଗୋଟାଇ ନିଆଁ ଉପରେ ପକାନ୍ତେ, ତାତି ହେତୁ ଗୋଟାଏ କାଳସାପ ବାହରି ତାଙ୍କ ହାତରେ କାମୁଡ଼ି ଲାଗିରହିଲା । ଲୋକମାନେ ଭାବିଲେ ସେ ମରିଯାଇ ପାରନ୍ତି ।



15

କିନ୍ତୁ ସାପ କାମୁଡ଼ାରେ ତାହାର କିଛି କ୍ଷତି ହେଲା ନାହିଁ । ତାହାପରେ ସେମାନେ ଭାବିଲେ ପାଉଲ ଜଣେ ଦେବତା ଅଟନ୍ତି । ଏନେକ ରୋଗଗ୍ରସ୍ତ ଲୋକ ତାଙ୍କ ନିକଟକୁ ଆସିଲେ, ଓ ପଉଲଙ୍କ ପ୍ରାର୍ଥନାରେ ସଦାପ୍ରଭୁ ସେମାନଙ୍କୁ ସୁସ୍ଥ କଲେ ।



16

ପରିଶେଷରେ, ପାଉଲ ରୋମ୍ ରେ ପହଞ୍ଚିଲେ । ସେଠାରେ ତାଙ୍କର ବିଚ଼ାର ହେବାକୁ ତାହାକୁ ପ୍ରାୟ ଦୁଇବର୍ଷ ସମୟ ଲାଗିଲା । ସେହି ସମୟରେ, ପାଉଲ ଏକ ଘର ଭଡ଼ାକରି ରହିଲେ । ପୁଣି ଯେତେଲୋକ ତାହାଙ୍କ ନିକଟକୁ ଆସିଲେ ସେ ସମସ୍ତଙ୍କୁ ଗ୍ରହଣ କରି ଇଶ୍ୱରଙ୍କ ରାଜ୍ୟ ବିଷୟରେ ପ୍ରଚାର କରୁଥିଲେ ଏବଂ ପ୍ରଭୁ ଯୀଶୁଙ୍କ ସମ୍ବନ୍ଧୀୟ ବିଷୟସବୁ ଶିକ୍ଷା ଦେଉଥିଲେ । ରୋମ୍ ରେ ପାଉଲ ସଦାପ୍ରଭୁଙ୍କ ସେବକ ଥିଲେ, ଠିକ୍ ସେହିପରି, ଯେପରି ସେ ତାଙ୍କର ଅନ୍ୟ ପ୍ରଚାର ଯାତ୍ରା ସମୟରେ ଥିଲେ ।



17

ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି ନିରୁପିତ ପଥର, ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି ମୁଁ ବିଶ୍ୱସ ରକ୍ଷା କରିଅଛି । ପାଉଲ ଏହା ରୋମ୍ ରୁ ଲେଖିଥିଲେ । ବାଇବଲ ଆମ୍ଭମାନଙ୍କୁ କୁହେନାହିଁ ତାଙ୍କ ଜୀବନ କିପରି ଶେଷହେଲା, କିନ୍ତୁ ଅତିରିକ୍ତ ଲେଖନି ଆମ୍ଭମାନଙ୍କୁ ସୂଚ଼ିତ କରେ ଯେ ସମ୍ରାଟ ନିରୋଙ୍କ ଆଦେଶରେ ପାଉଲଙ୍କ ମସ୍ତକ ଛେଦନ କରାଯାଇଥିଲା । ପାଉଲ ସେହିପରି ମଲେ ଯେପରି ଭାବରେ ସେ ବଞ୍ଚିଥିଲେ । ଏକ ବିଶ୍ୱସ୍ତ ପରମେଶ୍ୱରଙ୍କ ଦାସ, ଯେ ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ କହିଲେ ।



18

ପାଉଲଙ୍କ, ଚ଼ମକପ୍ରଦ ପ୍ରଚ଼ାର ଯାତ୍ରା

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ପ୍ରେରିତ ୧୬, ୨୭, ୨୮

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।